# NATIONAL NEWS BULLETIN (ODIA)

## 8 August - 2025

### Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ସହଯୋଗ ବୃଦ୍ଧି ଲାଗି ବ୍ରାଜିଲ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ଭୋଟର ତାଲିକାରେ ଅନିୟମିତତା ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଅଭିଯୋଗକୁ ନିର୍ବାଚନ କମିଶନଙ୍କ ଖଣ୍ଡନ ।
- ସାମଗ୍ରୀ ପରିବହନ ଲାଗି ଖୋଲିଲା କାଶ୍ମୀର ଉପତ୍ୟକାରେ ଥିବା ଅନନ୍ତନାଗ ରେଳ ଷ୍ଟେସନ୍ ।
- ବିହାରର ସୀତାମାଢ଼ି ଜିଲ୍ଲାରେ ଦେବୀ ସୀତାଙ୍କୁ ସମର୍ପିତ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ବ୍ୟାଙ୍ଗ୍‌କକ୍‌ରେ ଚାଲିଥିବା ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୧୨କୁ ବୃଦ୍ଧି ।

## ପିଏମ୍-ବ୍ରାଜିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲୁ ଦା ସିଲ୍‌ଭାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଟେଲିଫୋନ୍‌ରେ ବାର୍ତ୍ତାଳାପ କରିଛନ୍ତି । ବ୍ରାଜିଲ୍ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ସହ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଶକ୍ତି, ପ୍ରତିରକ୍ଷା, କୃଷି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଆଲୋଚନା କରିଛନ୍ତି । ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିବା ଜଣାପଡ଼ିଛି । ବାର୍ତ୍ତାଳାପ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଗତ ମାସରେ ତାଙ୍କର ବ୍ରାଜିଲ୍ ଗସ୍ତକୁ ମନେ ପକାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଉଭୟ ନେତା ଭାରତ-ବ୍ରାଜିଲ୍ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।

## ଇସି-ଭିପି ନୋଟିଫିକେସନ

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଆଗ୍ରହୀ ପ୍ରାର୍ଥୀ ଆସନ୍ତା ୨୧ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ୨୨ ତାରିଖରେ ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ ସହ ୨୫ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି। ଆସନ୍ତା ମାସ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବା ସହ ଭୋଟ୍‌ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ଲୋକସଭା ଏବଂ ରାଜ୍ୟସଭାର ସଦସ୍ୟଙ୍କୁ ନେଇ ଗଠିତ ଇଲେକ୍‌ଟୋରାଲ କଲେଜ ମାଧ୍ୟମରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ

ହୋଇଥାଏ। ଏହା ୧୭ତମ ଉପରାଷ୍ଟ୍ରପତି ନିର୍ବାଚନ ହେବ। ଗତ ମାସ ୨୨ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ।

## ଇସି-ରାହୁଲ

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟର ତାଲିକାରେ ହେର୍‌ଫେର୍ ହୋଇଥିବା ନେଇ କରିଥିବା ଅଭିଯୋଗକୁ ନିର୍ବାଚନ କମିଶନ୍ ଖଣ୍ଡନ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ଫ୍ୟାକ୍ଟ ଚେକ୍‌ରେ ନିର୍ବାଚନ କମିଶନ୍ କହିଛନ୍ତି, ଏହି ଅଭିଯୋଗ ଭ୍ରମାତ୍ମକ । କମିଶନ୍ କହିଛନ୍ତି, ଯଦି ଶ୍ରୀ ଗାନ୍ଧୀ ବିଶ୍ୱାସ କରୁଛନ୍ତି ଯେ ସେ ଯାହା କହୁଛନ୍ତି ତାହା ସତ୍ୟ ତେବେ ସେ ନିର୍ବାଚନ ନିୟମ ଅନୁଯାୟୀ ଘୋଷଣାପତ୍ରରେ ସ୍ୱାକ୍ଷର କରିବା ଉଚିତ୍ । କମିଶନ୍ ଏହା ମଧ୍ୟ କହିଛନ୍ତି, ଯଦି ବିରୋଧୀ ଦଳ ନେତା ତାଙ୍କ କଥାରେ ବିଶ୍ୱାସ କରୁନାହାନ୍ତି ତେବେ ସେ ଦେଶର ନାଗରିକଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେବା ବନ୍ଦ କରିବା ଉଚିତ୍ ।

## ବିଜେପି-ରାହୁଲ

ନିର୍ବାଚନ ପରିଚାଳନାରେ ନିର୍ବାଚନ ଆୟୋଗଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ବିଜେପି ସମାଲୋଚନା କରିଛି । ଗଣମାଧ୍ୟମକୁ ସମ୍ବୋଧିତ କରି ବିଜେପି ମୁଖପାତ୍ର

ସମ୍ବିତ ପାତ୍ର କହିଛନ୍ତି, ଶ୍ରୀ ଗାନ୍ଧି ବାରମ୍ବାର ସାମ୍ବିଧାନିକ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ଅଭିଯୋଗ କରୁଛନ୍ତି । ସେ କହିଛନ୍ତି, ଯେଉଁ ରାଜ୍ୟ ଗୁଡ଼ିକରେ କଂଗ୍ରେସ ନିର୍ବାଚନ ଜିତିଛି ସେଠାରେ କଂଗ୍ରେସ ନେତା କିମ୍ବା ଶ୍ରୀ ଗାନ୍ଧି ନିର୍ବାଚନ ଆୟୋଗଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ କରୁନାହାନ୍ତି । ଗତ ଲୋକସଭା ନିର୍ବାଚନରେ କଂଗ୍ରେସ ୯୯ଟି ଆସନ ହାସଲ କଲା ପରେ ବିଜୟ ପାଳନ କରିଥିଲା । ଶ୍ରୀ ପାତ୍ର କହିଛନ୍ତି, ଯଦି ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପ ନେଇ ସେ ଅଭିଯୋଗ କରୁଛନ୍ତି ତେବେ କଂଗ୍ରେସ ସେହି ବିଜୟକୁ କିଭଳି ଗ୍ରହଣ କରିଥିଲା ।

## ଅନନ୍ତନାଗ ଷ୍ଟେସନ୍

ଉତ୍ତର ରେଳବାଇ କାଶ୍ମୀର ଉପତ୍ୟକାରେ ଥିବା ଅନନ୍ତନାଗ ରେଳ ଷ୍ଟେସନ୍‌କୁ ସାମଗ୍ରୀ ପରିବହନ ଲାଗି ଖୋଲିଛି । ରେଳବାଇ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, କାଶ୍ମୀର ଉପତ୍ୟକାରେ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଅନନ୍ତନାଗ ରେଳ ଷ୍ଟେସନ୍‌କୁ ଖୋଲା ଯାଇଛି । କାଶ୍ମୀରର ବ୍ୟବସାୟ ପାଇଁ ଏବଂ ସାମଗ୍ରୀ ପରିବହନ ସହ ନୂତନ ଓ ଦକ୍ଷ ପରିବହନ ବିକଳ୍ପ ପ୍ରଦାନ କରିବା କ୍ଷେତ୍ରରେ ଏହି ରେଳ ଷ୍ଟେସନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି ।

ସୂଚନା ଅନୁଯାୟୀ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଷ୍ଟେସନ୍ କାର୍ଯ୍ୟ କରିବ । ପେଟ୍ରୋଲିୟମ୍ ଉତ୍ପାଦ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାରର ସାମଗ୍ରୀ ଅନନ୍ତନାଗ ରେଳ ଷ୍ଟେସନ୍ ଦେଇ ପରିବହନ କରାଯିବ ।

ଏହାଦ୍ୱାରା କାଶ୍ମୀରର ଉଦ୍ୟାନ କୃଷି ଏବଂ ହସ୍ତଶିଳ୍ପ ଉତ୍ପାଦର ବ୍ୟବସାୟକୁ ଅଧିକ ସୁଯୋଗ ମିଳିପାରିବ । ସ୍ଥାନୀୟ ବ୍ୟବସାୟୀମାନେ କମ୍ ପରିବହନ ଖର୍ଚ୍ଚ ଏବଂ ଦ୍ରୁତ ବିତରଣ ବ୍ୟବସ୍ଥାର ଲାଭ ପାଇପାରିବେ ।  ରେଳବାଇର ଏହି ନିଷ୍ପତ୍ତିକୁ ସ୍ଥାନୀୟ ଶିଳ୍ପ ସଂଗଠନ ଏବଂ ବାସିନ୍ଦାମାନେ ସ୍ୱାଗତ କରିଛନ୍ତି ।

## ବିହାର ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାର ଆଜି ବିହାରର ସୀତାମାଢ଼ି ଜିଲ୍ଲାର ପୁନୌରା ଧାମରେ ଦେବୀ ସୀତାଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟର ଉଦ୍‌ଘାଟନ କରିବେ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ସାଧାରଣ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ବନାରସ ଏବଂ ମିଥିଳାର ପୁରୋହିତଙ୍କ ତତ୍ତ୍ୱାବଧାନରେ ଏହି ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ମନ୍ଦିର ଏବଂ ଏହାର ଆଖପାଖ ପରିସରର ବିକାଶ ଲାଗି ୮୮୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

## ଏନ୍‌ଏସ୍‌ଏ ପୁଟିନ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ମସ୍କୋର କେମ୍‌ଲିନ୍‌ରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଗତକାଲି ଶ୍ରୀ ଡୋଭାଲ୍ ରୁଷ ସୁରକ୍ଷା ପରିଷଦ ସଚିବ ସର୍ଗେଇ ସୋଇଗୁଙ୍କ

ସହ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ଡୋଭାଲ୍ କହିଛନ୍ତି, ଭାରତ ଓ ରୁଷ ମଧ୍ୟରେ ଦୀର୍ଘ ଦିନରୁ ସମ୍ପର୍କ ରହି ଆସିଛି ଏବଂ ଭାରତ ଏହି ସମ୍ପର୍କକୁ ମୂଲ୍ୟବାନ ବୋଲି ମନେ କରେ । ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଖୁବ୍ ଶୀଘ୍ର ଭାରତ ଗସ୍ତ କରିବେ ଏବଂ ଏଥିଲାଗି ସମୟ ଚୂଡ଼ାନ୍ତ ହୋଇସାରିଛି । ତେବେ ଗସ୍ତର ସମୟସୂଚୀ ସମ୍ପର୍କରେ ସୂଚନା ଦିଆଯାଇନାହିଁ ।

## କାମ୍ବୋଡ଼ିଆ-ଥାଇଲାଣ୍ଡ

ସୀମା ସୁରକ୍ଷା କମିଟି ବୈଠକରେ କାମ୍ବୋଡ଼ିଆ ଏବଂ ଥାଇଲାଣ୍ଡ ଯୁଦ୍ଧ ବିରତି ନିଷ୍ପତ୍ତି ଉପରେ ସହମତି ପ୍ରକାଶ କରିବା ସହ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ବୈଠକରେ  କାମ୍ବୋଡ଼ିଆ ଏବଂ ଥାଇଲାଣ୍ଡର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଆମେରିକା, ଚୀନ୍ ଏବଂ ମାଲେସିଆର ପ୍ରତିନିଧି ମାନେ ତୃତୀୟ ପକ୍ଷ ପର୍ଯ୍ୟବେକ୍ଷକ ଭାବେ ବୈଠକରେ ଅଂଶଗ୍ରହଣ କରିଥିଲେ । ଆଲୋଚନା ପରେ ଉଭୟ ପକ୍ଷ ସମସ୍ତ ପ୍ରକାରର ଅସ୍ତ୍ରଶସ୍ତ୍ର ସହିତ ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲେ । ଚୁକ୍ତିନାମା ଅନୁଯାୟୀ ଉଭୟ ଦେଶ ସୀମାରେ ସେନା ବୃଦ୍ଧି କରିବେ ନାହିଁ । ଜୁଲାଇ ୨୮ ମଧ୍ୟରାତ୍ରରେ ଯୁଦ୍ଧ ବିରତି ସମୟରେ ଯେଉଁଳି ପରିସ୍ଥିତି ଥିଲା ସେହିଭଳି ପରିସ୍ଥିତି ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି । ଅନ୍ୟ ପକ୍ଷରେ ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ ଯୁଦ୍ଧ ବନ୍ଦୀଙ୍କ ସହ ଉଭୟ ଦେଶ ବ୍ୟବହାର

କରିବେ । ଆଲୋଚନା ପରେ ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଆଞ୍ଚଳିକ ଶାନ୍ତି ପ୍ରତିଷ୍ଠା ଲାଗି ସହଯୋଗ ବଜାୟ ରଖିବେ ବୋଲି କହିଛନ୍ତି ।

ସୂଚନା ଯୋଗ୍ୟ କାମ୍ବୋଡ଼ିଆ ଏବଂ ଥାଇଲାଣ୍ଡ ସେନା ମଧ୍ୟରେ ଜୁଲାଇ ୨୪ ତାରିଖରେ ସୀମାରେ ସଂଘର୍ଷ ଆରମ୍ଭ ହୋଇଥିଲା ଏବଂ ଜୁଲାଇ ୨୮ ତାରିଖ ଅପରାହ୍ଣରେ ଉଭୟ ଦେଶ ଅସ୍ତ୍ରବିରତି ଲାଗି ରାଜି ହୋଇଥିଲେ ।

## ହ୍ୟାଣ୍ଡଲୁମ୍ ଡେ'

ବିଶ୍ୱ ଏବେ ସ୍ଥାୟୀ ବୟନଶିଳ୍ପ ଉତ୍ପାଦ ଉପରେ ନିର୍ଭର କରୁଥିବାବେଳେ ଭାରତୀୟ ହସ୍ତତନ୍ତ ଶିଳ୍ପ ଏହି ଆବଶ୍ୟକତାକୁ ପୂରଣ କରିବାରେ ପ୍ରୟାସ ଜାରି ରଖିଛି ବୋଲି ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ମନ୍ତ୍ରୀ ଶ୍ରୀ ସିଂହ ସନ୍ଥ କବୀର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି।

**V/O–PARI-GIRIRAJ**

ଏହି ସମାରୋହରେ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ସ୍ପୋଟସ୍ ରାଉଣ୍ଡଅପ୍

ଭାରତ ମୁଷ୍ଟିଯୋଦ୍ଧା, ଚେସ୍ ଏବଂ ଫୁଟବଲ୍‌ରେ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରୁଛି । ବ୍ୟାଙ୍ଗ୍‌କକ୍‌ରେ ୫ ଜଣ ପୁରୁଷ ମୁଷ୍ଟିଯୋଦ୍ଧା ନିଜ ନିଜ ଓଜନ ବର୍ଗରେ ବିଜୟ ଲାଭ କରିବା ସହ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ୧୯ ବର୍ଷରୁ କମ୍ ଏସୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ୫୫ କିଲୋଗ୍ରାମ୍ ବର୍ଗରେ ଶିବମ, ୬୫ କେ.ଜି. ବର୍ଗରେ ମୌସୁମ ସୁହାଗ, ୭୫ କେ.ଜି. ବର୍ଗରେ ରାହୁଲ କୁଣ୍ଡୁ, ୮୫ କେ.ଜି. ବର୍ଗରେ ଗୌରବ ଏବଂ ୯୦ କେ.ଜି. ବର୍ଗରେ ହେମନ୍ତ ସାଙ୍ଗୱାନ୍ ଉନ୍ନତମାନର ପ୍ରଦର୍ଶନ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି ଏବଂ ସେମାନେ କାଂଶ୍ୟ ପଦକ ଜିତିବା ନିଶ୍ଚିତ ହୋଇଛି । ୨୨ ବର୍ଷରୁ କମ୍ ଏସୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତା ଏକକାଳୀନ ଅନୁଷ୍ଠିତ ହେଉଥିବା ବେଳେ ଭାରତ  ୧୩ଟି ପଦକ ନିଶ୍ଚିତ କରିଛି ।

ଚେସ୍‌ରେ ବିଶ୍ୱର ୫ ନମ୍ବର ଅର୍ଜୁନ ଏରିଗାସି ଏବଂ ଜର୍ମାନ ଗ୍ରାଣ୍ଡ ମାଷ୍ଟର୍ ଭୀନସେଣ୍ଟ କିମର୍ କ୍ୱାଷ୍ଟବକ୍ସ ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ ୨୦୨୫ରେ ଭାଗ ନେଇଛନ୍ତି । ଗତକାଲି ଅନୁଷ୍ଠିତ ପ୍ରତିଯୋଗିତାରେ ଗ୍ରାଣ୍ଡ ମାଷ୍ଟର ପ୍ରଣବ ଭି. ଏବଂ କାର୍ତ୍ତିକେୟନ ମୁରଲୀଙ୍କ ମଧ୍ୟରେ ମ୍ୟାଚ୍ ଡ୍ର' ରହିଛି । ସେହିପରି ଭାରତର ବିବିତ ଗୁଜରାଥି ଏବଂ ଡଚ୍‌ର ଜି.ଏମ୍. ଜୋର୍ଡେନ୍ ଭାନ୍ ଫୋରେଷ୍ଟ ମଧ୍ୟରେ ମ୍ୟାଚ୍ ଡ୍ର' ରହିଥିଲା ।

ଫୁଟବଲ୍‌ରେ ମହମଦାନ୍ ଏ.ସି.’ ବି.ଏସ୍.ଏଫ୍. ଏଫ୍.ଟି.କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ନେରୋକା ଏଫ୍.ସି. ଏବଂ ଭାରତୀୟ ନୌସେନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର’ ରହିଥିଲା । ସୂଚନା ଅନୁଯାୟୀ ଏସିଆ ରଗ୍‌ବି ଅଣ୍ଡର ଟ୍ୱେଣ୍ଟି ଚମ୍ପିୟାନ୍‌ସିପ୍ ଚଳିତ ମାସ ୯ ଏବଂ ୧୦ ତାରିଖରେ ବିହାରର ରାଜଗିରିରେ ଅନୁଷ୍ଠିତ ହେବ । ଏସିଆ ୮ଟି ପୁରୁଷ ଏବଂ ମହିଳା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।